**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**30 April - 2024**

**News Editor : *Tapan Kumar Moharana***

# ପ୍ରାର୍ଥୀପତ୍ର ପ୍ରତ୍ୟାହାର

ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନାମାଙ୍କନ ପତ୍ର ଯାଞ୍ଚ ଏବଂ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ୪ଟି ଲୋକସଭା ଆସନର କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ପାଇଁ ୩୭ଜଣ ପ୍ରାର୍ଥୀପତ୍ର କାଏମ ରହିଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି । ପ୍ରଥମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଆସନ୍ତା ମଇ ମାସ ୧୩ ତାରିଖରେ ଭୋଟ୍‌ଗ୍ରହଣ ହେବ । ଗତକାଲି ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖରେ ଥିବାବେଳେ କୋରାପୁଟ ସଂସଦୀୟ କ୍ଷେତ୍ରରୁ ଜଣେ ପ୍ରାର୍ଥୀ ତାଙ୍କର ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଥିଲେ । ୩୭ଜଣ ପ୍ରାର୍ଥୀଙ୍କ ମଧ୍ୟରେ ୩୦ଜଣ ପୁରୁଷ ଏବଂ ୭ଜଣ ମହିଳା ପ୍ରାର୍ଥୀ ଥିବା ଜଣାପଡିଛି । ଅନ୍ୟପକ୍ଷରେ ରାଜ୍ୟର ତୃତୀୟ ପର୍ଯ୍ୟାୟ ଲାଗି ଗତକାଲିଠାରୁ ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି । ସମ୍ବଲପୁର, କେନ୍ଦୁଝର, ଢ଼େଙ୍କାନାଳ, କଟକ, ପୁରୀ ଏବଂ ଭୁବନେଶ୍ୱର ଲୋକସଭା ଆସନ ସହିତ ଏହି ଆସନ ପରିସରରେ ଆସୁଥିବା ୪୨ଟି ବିଧାନସଭା ଆସନଗୁଡ଼ିକ ପାଇଁ ଆସନ୍ତା ମଇ ମାସ ୨୫ ତାରିଖରେ ଭୋଟ୍ ନିଆଯିବ ।

## ଗ୍ରୀଷ୍ମପ୍ରବାହ-ମୁଖ୍ୟ ଶାସନ ସଚିବଙ୍କ ପରାମର୍ଶ

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଓ ବୃଦ୍ଧି ପାଉଥିବା ଉତ୍ତାପକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଆଗାମୀ ନିର୍ବାଚନ ସମୟରେ ର୍ୟାଲି ଓ ସଭା ଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣର ପାନୀୟଜଳ ଏବଂ ଓଆର୍ଏସ୍ ମହଜୁଦ ରଖିବା ପାଇଁ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଛନ୍ତି । ମୁଖ୍ୟ ଶାସନ ସଚିବ ଶ୍ରୀ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗତକାଲି ହୋଇଥିବା ଉଚ୍ଚସ୍ତରୀୟ ବୈଠକରେ ପାନୀୟଜଳ ସହିତ ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ ଅବ୍ୟାହତ ରଖିବା ପାଇଁ ଜିଲ୍ଲାପାଳମାନେ ବିଦ୍ୟୁତ୍ ବିଭାଗର କର୍ତ୍ତୃପକ୍ଷଙ୍କ ସହ ନିୟମିତ ଆଲୋଚନା କରିବାକୁ ପରାମର୍ଶ ଦିଆଯାଇଛି । ସେହିପରି ଜିଲ୍ଲାସ୍ତରରୁ ଆରମ୍ଭ କରି ବ୍ଲକ ସ୍ତର ପର୍ଯ୍ୟନ୍ତ ଡାକ୍ତରଖାନା ଗୁଡ଼ିକରେ ଅଂଶୁଘାତ ଜନିତ ରୋଗୀଙ୍କ ଚିକିତ୍ସା ଲାଗି ସମସ୍ତ ପ୍ରକାର ଔଷଧ ମହଜୁଦ ରଖିବା ଏବଂ ସ୍ୱତନ୍ତ୍ର ଦଳ ଏହି କାର୍ଯ୍ୟରେ ନିୟୋଜିତ କରିବା ପାଇଁ ବୈଠକରେ ପରାମର୍ଶ ଦିଆଯାଇଛି ।

## ମଶାରୀ ବଣ୍ଟନ

ରାଜ୍ୟରେ ମ୍ୟାଲେରିଆ ପ୍ରାର୍ଦୁଭାବକୁ ପ୍ରତିହତ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଏକକୋଟି ୫୬ଲକ୍ଷ ଦୀର୍ଘସ୍ଥାୟୀ ଔଷଧୀୟ ମଶାରୀ ଦେବାପାଇଁ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଚିଠି ଲେଖିଛନ୍ତି ।

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବୀୟଙ୍କୁ ଲେଖାଯାଇଥିବା ଚିଠିରେ କୁହାଯାଇଛି ଯେ ୨୦୨୦-୨୧ ମସିହାରେ କେନ୍ଦ୍ର ସରକାର ଓଡ଼ିଶାକୁ ୧ କୋଟି ୫୬ଲକ୍ଷ ମଶାରୀ ଦେଇଥିଲେ । ଏହି ଔଷଧୀୟ ମଶାରୀ ଗୁଡ଼ିକର ଗୁଣବତ୍ତା ଏବଂ ଅବଧି ୩ବର୍ଷ ଥିଲା । ହେଲେ ବର୍ତ୍ତମାନ ପରିପ୍ରେକ୍ଷୀରେ ଆଉଥରେ ସମ ପରିମାଣର ମଶାରୀ ଦେବା ସହିତ ମ୍ୟାଲେରିଆ ନିରାକରଣରେ ସହଯୋଗ କରିବା ପାଇଁ ଅନୁରୋଧ କରିଛନ୍ତି । ସୂଚନାଯୋଗ୍ୟ ମାଲକାନଗରି, କୋରାପୁଟ, ରାୟଗଡା, କଳାହାଣ୍ଡି, ବୌଦ୍ଧ ଓ ଫୁଲବାଣୀରେ ଅଧିକ ସଂଖ୍ୟାରେ ମ୍ୟାଲେରିଆ ରୋଗୀ ଦେଖା ଦେଇଥାନ୍ତି ।

## ମାଟ୍ରିକ ପରୀକ୍ଷା ଫଳ

ମାଧ୍ୟମିକ ଶିକ୍ଷା ପରିଷଦ ବୋର୍ଡ ଦ୍ୱାରା ପରିଚାଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ - ମାଟ୍ରିକ ପରୀକ୍ଷା ଫଳ ମଇ ମାସ ଦ୍ୱିତୀୟ ସପ୍ତାହ ସୁଦ୍ଧା ପ୍ରକାଶ ପାଇବ ବୋଲି ବୋର୍ଡ ପକ୍ଷରୁ ଜଣାପଡିଛି । ସୂଚନା ଅନୁସାରେ ଉତ୍ତରଖାତା ମୂଲ୍ୟାଙ୍କନ, ତ୍ରୁଟି ଯାଞ୍ଚ ଓ ସଂଶୋଧନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଚଳିତବର୍ଷ ତ୍ରୁଟିଶୂନ୍ୟ ପରୀକ୍ଷାଫଳ ପ୍ରକାଶ ପାଇବା ନେଇ ବୋର୍ଡ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି । ପ୍ରଥମଥର ପାଇଁ ବୋର୍ଡ ପକ୍ଷରୁ ମାଟ୍ରିକ ଛାତ୍ରଛାତ୍ରୀମାନଙ୍କୁ ଡିଜିଟାଲ ସାର୍ଟିଫିକେଟ୍ ପ୍ରଦାନ କରାଯିବ । ପରୀକ୍ଷାଫଳ ପ୍ରକାଶ ପାଇବାର ଦିନକ ମଧ୍ୟରେ ଛାତ୍ରଛାତ୍ରୀମାନେ ବୋର୍ଡ

ୱେବ୍‌ସାଇଟ୍‌ରୁ ଡିଜିଟାଲ ସାର୍ଟିଫିକେଟ୍ ଡାଉନ୍‌ଲୋଡ କରିପାରିବେ ବୋଲି ବୋର୍ଡ କର୍ତ୍ତୃପକ୍ଷ ପୂର୍ବରୁ କହିଛନ୍ତି ।

## ନେଟ୍ ପରୀକ୍ଷା - ୟୁଜିସି

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଚଳିତ ଜୁନ୍ ସେସନର ନେଟ୍ ପରୀକ୍ଷା ତାରିଖ ବଦଳା ଯାଇଛି । ଜୁନ୍ ମାସ ୧୬ ତାରିଖ ବଦଳରେ ଜୁନ୍ ମାସ ୧୮ ତାରିଖରେ ନେଟ୍ ପରୀକ୍ଷା କରାଯିବ ବୋଲି ୟୁଜିସି ତରଫରୁ ବିଜ୍ଞପ୍ତି ଜାରି କରାଯାଇଛି । ପରୀକ୍ଷାର୍ଥୀ ମାନଙ୍କର ମତାମତକୁ ନେଇ ତାରିଖ ବଦଳାଯାଇଛି ବୋଲି କର୍ତ୍ତୃପକ୍ଷ କହିଛନ୍ତି ।

## ମୁଖ୍ୟମନ୍ତ୍ରୀ ପ୍ରାର୍ଥୀପତ୍ର ଦାଖଲ

ବିଜେଡି ସଭାପତି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଗଞ୍ଜାମ ଜିଲ୍ଲାର ହିଞ୍ଜିଳି ବିଧାନସଭା ଆସନ ପାଇଁ ନାମାଙ୍କନ ପତ୍ର ଦାଖଲ କରିବେ । ମିଳିଥିବା ସୂଚନା ଅନୁସାରେ ମୁଖ୍ୟମନ୍ତ୍ରୀ ପ୍ରଥମେ ଗଞ୍ଜାମ ଜିଲ୍ଲାର ମା' ତାରାତାରିଣୀଙ୍କୁ ଦର୍ଶନ କରିବେ ଏବଂ ପରେ ଛତ୍ରପୁର ଯାଇ ପ୍ରାର୍ଥୀପତ୍ର ଦାଖଲ କରିବେ ।

## ଅତିରିକ୍ତ ଦାୟିତ୍ୱ

ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡାକ୍ତର ବିଜୟ ମହାପାତ୍ରଙ୍କୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦେଇଛନ୍ତି । ରାଜ୍ୟ

ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ରଙ୍କ ଅବସର ପରେ ସରକାର ଡାକ୍ତର ମହାପାତ୍ରଙ୍କୁ ଏହି ନୂତନ ଦାୟିତ୍ୱ ଦେଇଛନ୍ତି ।

## ଅଂଶୁଘାତ ମୃତ୍ୟୁ

ରାଜ୍ୟରେ ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିଛି । ଏହାର ପ୍ରଭାବରେ ମନୁଷ୍ୟ ଏବଂ ପ୍ରାଣୀଙ୍କ ଜୀନଯାତ୍ରାକୁ ଅତିମାତ୍ରାରେ ପ୍ରଭାବିତ କରିଛି । ଗ୍ରୀଷ୍ମଜନିତ ଅସୁସ୍ଥତା ଓ ଅଂଶୁଘାତ ପୀଡିତାଙ୍କ ସଂଖ୍ୟା ବୃଦ୍ଧିପାଉଛି । ୨ଜଣଙ୍କର ଅଂଶୁଘାତରେ ପ୍ରାଣ ହରାଇଥିବା ଏବଂ ୨୫୭ଜଣ ଅଂଶୁଘାତଜନିତ ଅସୁସ୍ଥ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ବୋଲି ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ଜଣାପଡିଛି ।

## ପାଣିପାଗ

ପଶ୍ଚିମା ଏବଂ ଉତ୍ତର ପଶ୍ଚିମା ଶୁଷ୍କ ବାୟୁ ପ୍ରବାହ ଯୋଗୁଁ ସମଗ୍ର ରାଜ୍ୟରେ ଗ୍ରୀଷ୍ମର ପ୍ରବାହ ଜାରି ରହିଛି । ପାଣିପାଗ ବିଭାଗର ସୂଚନା ଅନୁସାରେ, ଆସନ୍ତା ୩ ଦିନ ପର୍ଯ୍ୟନ୍ତ ପାଣିପାଗ ସ୍ଥିତିରେ କୌଣସି ପରିବର୍ତ୍ତନର ସମ୍ଭାନା ନାହିଁ । ପାଣିପାଗ ବିଶେଷଜ୍ଞ ମାନଙ୍କର ଅନୁମାନ ହିସାବରେ ଆସନ୍ତା ୧ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଧରି ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ଅଧିକ ରହିବ । ଅନୁଗୁଳ, ତାଳଚେର, ବାରିପଦା, ଝାରସୁଗୁଡା ଓ ବୌଦ୍ଧରେ ଆଜି ଦିନ ତାପମାତ୍ରା ୪୪ରୁ ୪୬ ଡିଗ୍ରୀ ସେଲସିୟସ ମଧ୍ୟରେ ରହିବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି ।

ଗତକାଲି ରାଜ୍ୟର ୧୩ଟି ସ୍ଥାନରେ ଦିନର ସର୍ବାଧିକ ତାପମାତ୍ରା ୪୩ ଡିଗ୍ରୀରୁ ଅଧିକ ଥିଲା ।